# Akashvani, Sambalpur

## SAMBALPURI NEWS EVENING BULLETIN

## 25 January 2026 - 7.02 pm- 7.12 pm.

********************************************

୧- ବିଶ୍ୱସ୍ତରଥି ଅନିଶ୍ଚିତତା ଲାଗି ରହିଥିଲେ ଭିଲ୍ ଭାରତ୍ ନ ନିରନ୍ତର୍ ଆର୍ଥିକ୍ ବିକାଶ୍ ହେଉଛେ - କହେଲେ ରାଷ୍ଟ୍ରପତି ।

- ୭୭ ତମ ଗଣତନ୍ତ୍ର ଦିବସ୍ ପାଲନ୍ ଆଘୋନୁ ରାଷ୍ଟ୍ରଉଦ୍ଦେଶ୍ୟଥି କଲେ ସମ୍ବୋଧନ୍ ।

୨- 'ସ୍ୱତନ୍ତ୍ରତା କା ମନ୍ତ୍ର ବନ୍ଦେ ମାତରମ୍ , ଆଉ ସମୃଦ୍ଧିକା ମନ୍ତ୍ରଃ ଆତ୍ମନିର୍ଭର୍ ଭାରତ୍' ର ବାର୍ତା ନେଇକରି ଆଏବା କାଏଲ୍ ଦେଶେ ପାଲନ୍ ହେବା ଗଣତନ୍ତ୍ର ଦିବସ୍ ।

୩- ଭାରତ୍ ପୁର୍‌ଥିର୍ ସବୁନୁ ବଡ଼ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ହେଇଛେ ।

- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ବେସାମରିକ୍ ସମ୍ମାନ୍ ପଦ୍ମପୁରସ୍କାର୍ ହେଲା ଘୋଷ୍‌ନା ।

- ଓଡ଼ିଶାନୁ ୪ ଝନ୍ ପାଏବେ ପଦ୍ମଶ୍ରୀ ପୁରସ୍କାର୍ ।

୭୭ ତମ ଗଣତନ୍ତ୍ର ଦିବସ୍ ପାଲନ୍ ଆଘୋନୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ରାଷ୍ଟ୍ର ଉଦ୍ଦେଶ୍ୟେ ଅଭିଭାଷଣ୍ ଦେଇଛନ୍ । ଦେଶ୍ବାସୀଙ୍କୁ ଜାତୀୟ ପର୍ବ ଗଣତନ୍ତ୍ର ଦିବସ୍ର ହାର୍ଦ୍ଦିକ୍ ଶୁଭେଚ୍ଛା ଜନେଇକରି ରାଷ୍ଟ୍ରପତି କହିଛନ୍, ଭାରତୀୟ ସମ୍ବିଧାନ୍ ହେଉଛେ ସବୁନୁ ବଡ଼ ଗଣତନ୍ତ୍ରର୍ ଆଧାର୍ଗ୍ରନ୍ଥ । ଇଟା ଜାତୀୟତା ଆଉ ଏକତାର୍ ଭାବ୍ନା ସହେତେ ସାମ୍ବିଧାନିକ୍ ବ୍ୟବସ୍ଥାକେ ଗୁଟେ ବର୍କସ୍ ଭିତିଭୂମି ଦେଉଛେ । ବିଶ୍ୱସ୍ତରେ ଅନିଶ୍ଚିତତା ଲାଗି ରହିଥିଲେ ଭିଲ୍ ଭାରତ୍ ନ ଅହରହ ଆର୍ଥିକ୍ ବିକାଶ୍ ଘଟୁଛେ । ଭବିଷ୍ୟତେ ଦେଶ୍ ପୁରେର୍ ୩ ନମ୍ବର୍ ସବୁନୁ ବଡ଼ ଅର୍ଥବ୍ୟବସ୍ଥା ଲକ୍ଷ୍ୟ ହାସଲ୍ ଦିଗେ ବଢୁଛେ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର- ଅର୍ଥନୀତି)

ଦେଶର୍ ବିକାଶ୍ ଲାଗି ମହିଳା ସଶକ୍ତିକରଣ୍ ଆଉ ସେମାନ୍କର୍ ସକ୍ରିୟ ଭାଗିଦାରୀ ବହୁତ୍ ଜରୁରୀ ଆଏ । ସ୍ୱାସ୍ଥ୍ୟ, ଶିକ୍ଷା, ସୁରକ୍ଷା ଆଉ ଆର୍ଥିକ୍ ସଶକ୍ତିକରଣ୍କେ ଉନ୍ନତ୍ କର୍ବାର୍ ଲାଗି ହେଉଥିବା ରାଷ୍ଟ୍ରୀୟ ଚେରେଷ୍ଟା ବହୁତ୍ଟେ କ୍ଷେତ୍ରେ ମହିଳାମାନ୍କର୍ ଭାଗିଦାରୀକେ ବଢ଼େଇଛେ ବଲି ରାଷ୍ଟ୍ରପତି କହିଛନ୍ । ବିକଶିତ୍ ଭାରତ୍ ନିର୍ମାଣ୍ରେ ନାରୀ ଶକ୍ତିର୍ ଗୁରୁତ୍ୱପୂର୍ଣ୍ଣ

ଭୂମିକା ରହେବା ଆଉ ଆମର୍ ଦେଶ୍ ମହିଳା, ପୁରୁଷ ସମାନତା ଆଧାରିତ୍ ସମାବେଶୀ ଗଣତନ୍ତ୍ରର୍ ଉଦାହରଣ୍ ବନାବା ।

ଇ ସାମଗ୍ରିକ୍ ବିକାଶ୍‌ର ଚିନ୍ତାଧାରା- ଅବହେଳିତ ବର୍ଗଙ୍କର୍ କଲ୍ୟାଣ୍ ଆଉ ବିକାଶ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ବହୁତ୍‌ଟେ ଯୋଜ୍‌ନା କାର୍ଯ୍ୟକାରୀ କରାଯାଉଛେ ବଲି ରାଷ୍ଟ୍ରପତି ତାଙ୍କର୍ ଅଭିଭାଷଣ୍‌ଥି କହିଛନ୍ ।

(ଭଏସ୍ ଓଭର- ଯୋଜ୍‌ନା)

ରାଷ୍ଟ୍ରପ୍ରଥମ୍ ମନୋଭାବ ନେଇକରି କାମ୍ କରିକରି ଗଣତନ୍ତ୍ରକେ ଗୌରବ୍‌ଶାଲୀ କର୍‌ବାର୍ ଲାଗି ରାଷ୍ଟ୍ରପତି ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

ଗଣତନ୍ତ୍ର ଦିବସ୍ ପରେଡ୍ ଆର୍‌ଏନ୍‌ୟୁ/ କଟକ୍

୭୭ ତମ ଗଣତନ୍ତ୍ର ଦିବସ୍ ଅବ୍‌ସରେ ଆଏବା କାଏଲ୍ ନୂଆଦିଲ୍ଲୀର୍ କର୍ତବ୍ୟ ପଥ ନ ଗଣତନ୍ତ୍ର ଦିବସ୍ ପରେଡ୍ ସଖାଲର୍ ସାଢ଼େ ୧୦ ବଜେ ମୁଲ୍ ହେବା ।

ଇ ବଛର୍ ଗଣତନ୍ତ୍ର ଦିବସ୍‌ର ବିଷୟବସ୍ତୁ, 'ସ୍ୱତନ୍ତ୍ରତା କା ମନ୍ତ୍ର ବନ୍ଦେ ମାତରମ୍ ଆଉ ସମୃଦ୍ଧି କା ମନ୍ତ୍ର ଆତ୍ମନିର୍ଭର୍ ଭାରତ୍' ରଖାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀ ଠାନେ ଶ୍ରଦ୍ଧାଞ୍ଜଳି ଜନାବାର୍ ଉତ୍‌ରୁ ଗଣତନ୍ତ୍ର ଦିବସ୍ ସମାରୋହ ମୁଲ୍ ହେବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

କର୍ତବ୍ୟ ପଥ ନ ପୁହୁଁଚିବାର୍ ଉତ୍ରୁ ତାଙ୍କୁ ମାର୍ଚ ପାଷ୍ଟ ଜରିଏ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା । ଇ ବଛର୍ ପରେଡ୍‌ଥି ୟୁରୋପୀୟ ପରିଷଦ୍‌ର ଅଧ୍ୟକ୍ଷ ଏଂଟୋନିଓ କୋସ୍ତା ଆଉ ୟୁରୋପୀୟ କମିଶନ୍ ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲିୟେନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍, କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆଉ ମନ୍ତ୍ରଣାଲୟର୍ ୩୦ ଟା ପ୍ରଜ୍ଞାପନ୍ ମେଢ୍ ପରେଡ୍‌ଥି ପ୍ରଦର୍ଶିତ ହେବା । ରାଷ୍ଟ୍ରୀୟ ଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତିର୍ ସ୍ୱତନ୍ତ୍ର ଗାନ ଆଉ ଭିନ୍ ଭିନ୍ କ୍ଷେତ୍ରଥି ଭାରତ୍‌ର ପ୍ରଗତି ବାବଦ୍ ଦୃଶ୍ୟ ଇ ପ୍ରଜ୍ଞାପନ୍ ମେଢ୍ ମାନ୍‌କେ ଠାନ୍ ପାଏବା ।

ପ୍ରେସିଡେଂଟ୍        ଏନ୍‌ଏସ୍‌ଡି

ମୋର୍ ଭାରତ୍, ମୋର୍ ଭୋଟ୍ - ଭାରତୀୟ ଗଣତନ୍ତ୍ରର କେନ୍ଦ୍ରଥି ନାଗରିକ୍ ବାର୍ତା ନେଇକରି ଆଏଜ୍ ସାରା ଦେଶେ ୧୬ ତମ ଜାତୀୟ ମତଦାତା ଦିବସ୍ ପାଲନ୍ କରାଯାଇଛେ । ଭାରତ୍‌ର ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ନୂଆଦିଲ୍ଲୀ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍, ଭୋଟ୍ ଜରିଏ ନାଗରିକ୍‌ମାନେ ସେମାନ୍‌କର୍ ଆକାଂକ୍ଷାକେ ପ୍ରକାଶ୍ କର୍‌ସନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ନୂଆ କରି ପଞ୍ଜିକୃତ

ହେଇଥିବା ଯୁବ ଭୋଟର୍‌ମାନ୍‌କୁ ଭୋଟର୍ ଫଟୋ ପରିଚୟ ପତ୍ର ପ୍ରଦାନ୍ କରିଛନ୍ । ଭୋଟର୍ ଶିକ୍ଷା ସଚେତନତା ଉପ୍‌ରେ ଉତ୍କର୍ଷତା ଦେଖେଇଥିବାର୍‌ନୁ ଗଲା ବଛର୍ ଲାଗି ନୂଆଦିଲ୍ଲୀ ଆକାଶ୍‌ବାଣୀ ସମ୍ବାଦ ସେବା ବିଭାଗ୍‌କେ ବୈଦ୍ୟୁତିକ୍ ରେଡ଼ିଓ ବର୍ଗଥି ପୁରସ୍କୃତ୍ କରାଯାଇଛେ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ମତଦାତା ଗଣତନ୍ତ୍ରର୍ ଆତ୍ମା ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର ସାଙ୍ଗେ ବିଚାର୍ ବିନିମୟ କରିକରି ଶ୍ରୀ ମୋଦୀ ପହେଲାଥର୍ ଲାଗି ଭୋଟର୍ ତାଲିକାଥି ସାମିଲ୍ ହେଇଥିବା ଯୁଆନ୍ ପିଢ଼ିଙ୍କୁ ଅଭିନନ୍ଦନ୍ ଜନେଇଛନ୍ ।

ଦେଶ୍ ଆଏବା କାଏଲ୍ ଗଣତନ୍ତ୍ର ଦିବସ୍ ପାଲନ୍ କର୍‌ବା ବଲି ଶ୍ରୀ ମୋଦୀ କହିଛନ୍ । ଇ ଦିନ ହିଁ ସମ୍ବିଧାନ୍ କାର୍ଯ୍ୟକ୍ଷମ୍ ହେଇଥିଲା । ସମ୍ବିଧାନ୍‌ର ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି ଜନବାର୍ ଇଟା ହିଁ ହେଉଛେ ଖାସ୍ ଦିନ୍ । ଶିଳ୍ପ ଆଉ ଷ୍ଟାଟଅପ୍ ଉଦ୍ୟୋଗ୍ ସହେତେ ଜୁଡ଼ି ହେଇଥିବା ଯୁବବର୍ଗଙ୍କୁ ଗୁଣବତା ଉପ୍‌ରେ ଜୋର୍ ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ । ଦେଶେ ଉତ୍ପାଦିତ୍ ହେଉଥିବା ଦରବ୍ ମାନ୍‌କର୍ ଗୁଣବତାକେ ଉନ୍ନତ୍ କର୍‌ବାର୍ ଲାଗି ସଂକଳ୍ପବଦ୍ଧ ହେବାର୍‌କେ ସେ

ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ୨୦୧୬ ଜାନୁଆରୀ ମାସେ ଦେଶେ ଷ୍ଟାଟଅପ୍ ଇଣ୍ଡିଆ ଅଭିଯାନ୍ ମୁଲ୍ ହେଇଥିଲା ।

ଭାରତ୍ ଆଏଜ୍ ପୁର୍‌ଥିର୍ ୩ ନମ୍ବର୍ ସବୁନୁ ବଡ଼ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ ହେଇପାରିଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-ଷ୍ଟାର୍ଟଅପ୍)

ଶ୍ରୀ ମୋଦୀ ଦେଶର୍ ପାରିବାରିକ୍ ବ୍ୟବସ୍ଥା ଉପ୍‌ରେ ଜୋର୍ ଦେଇକରି ବହୁତ୍‌ଟେ ଉଦାହରଣ୍ ଦେଇଛନ୍ । ଏକ୍ ପେଡ଼୍ ମା କେ ନାମ୍ ଅଭିଯାନ୍ ଅଧୀନ୍‌ଥି ଦେଶେ ଏବ୍‌ତକ୍ ୨ ଶହ କୋଟିନୁ ଅଏତ୍‌କା ଗଛ୍ ଜଗାଯାଇଛେ ବଲି ଶ୍ରୀ ମୋଦୀ କହିଛନ୍ । ଆଏବା ମାସେ ହେବାର୍‌କେ ଥିବା ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଲନୀ କୃତ୍ରିମ ବୁଦ୍ଧିମତା କ୍ଷେତ୍ରଥି ଭାରତ୍‌ର ପ୍ରଗତି ଆଉ ସଫଲତାକେ ବିଶ୍ୱସ୍ତର୍ ନ ପହଁଚାବା ବଲି ପ୍ରଧାନ୍‌ମନ୍ତ୍ରୀ ଆଶ୍ କରିଛନ୍ ।

ପଦ୍ମଶ୍ରୀ ଏନ୍‌ଏସ୍‌ଡି

ସର୍‌କାର୍‌ଙ୍କର୍ ତର୍‌ଫୁ ଦେଶର୍ ସର୍ବୋଚ୍ଚ ବେସାମରିକ୍ ସମ୍ମାନ୍ ପଦ୍ମପୁରସ୍କାର୍ ଆଏଜ୍ ଘୋଷ୍‌ନା କରାଯାଇଛେ । କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ର ସିଂ ଦେଓଲ୍‌ଙ୍କୁ ମରଣୋତର୍ ପଦ୍ମ ବିଭୂଷଣ୍ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ । ଇତାର୍‌ସହେତେ ଅଲ୍‌ଗା ୪ ଝନ୍‌କର୍ ନାଁ ଭିଲ୍ ଇ ପୁରସ୍କାର୍ ଲାଗି ଘୋଷ୍‌ନା କରାଯାଇଛେ । ୧୩ ଝନ୍‌କୁ ପଦ୍ମଭୂଷଣ୍

ଆଉ ଶହେ ୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ । ସାହିତ୍ୟ ଆଉ ଶିକ୍ଷା ଲାଗି ଓଡ଼ିଶାର୍ ଚରଣ୍ ହେମ୍ବ୍ରମ୍, ମହେନ୍ଦ୍ର କୁମାର୍ ମିଶ୍ର, କଳା ଲାଗି ଶରତ୍ କୁମାର୍ ପାତ୍ର ଆଉ ସୀମାଂଚଳ ପାତ୍ରଙ୍କର୍ ନାଁ ପଦ୍ମଶ୍ରୀ ପୁରସ୍କାର୍ ଲାଗି ଘୋଷ୍ନା କରାଯାଇଛେ ।

ସାଧାରଣତନ୍ତ୍ର ଦିବସ୍ ପଦକ୍ ଆର୍ଏନ୍ୟୁ/ କଟକ୍

୭୭ ତମ ଗଣତନ୍ତ୍ର ଦିବସ୍ ଅବ୍ସରେ ଆଏବା କାଏଲ୍ ସାହସିକତା ଆଉ ସେବା କ୍ଷେତ୍ରଥି ଉଲ୍ଲେଖନୀୟ ପ୍ରଦର୍ଶନ୍ ଲାଗି ଓଡ଼ିଶା ନ ୪ ଜଣଙ୍କୁ ପୁଲିସ୍ ସେବା ପଦକ୍ ପ୍ରଦାନ୍ କରାଯିବା । ଡିଏସ୍‌ପି ଅତୁଲ୍ କ୍ରିଷ୍ଣ ଦାସ, ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ୍, ୨ ଜଣ୍ କନ୍‌ଷ୍ଟେବଲ୍ ଘନ୍‌ଶ୍ୟାମ୍ ସାହୁ ଆଉ ଥବୀର୍ ମାଝୀଙ୍କୁ ଇ ପଦକ୍ ଲାଗି ମନୋନୀତ୍ କରାଯାଇଛେ । ଏଡିଜି ପ୍ରତୀକ୍ ମହାନ୍ତି, ଡିପିସି ପ୍ରଫୁଲ୍ଲ ସିଂଙ୍କୁ ବିଶିଷ୍ଟ ସେବା ପଦକ୍ ଦିଆଯିବା । ସେନ୍ତା ଉଲ୍ଲେଖନୀୟ ସେବା ଲାଗି ୧୧ ଜଣଙ୍କୁ ପଦକ୍ ଦିଆଯିବା ।

ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

କୃତ୍ରିମ ବୁଦ୍ଧିମତା ଆଉ ନବସୃଜନ୍ ଦିଗେ ରାଜ୍ୟ ଆଗ୍‌କେ ବଢ଼ୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କୃତ୍ରିମ ବୁଦ୍ଧିମତା କମ୍ପାନୀ ସର୍ଭମ୍ ସଙ୍ଗେ ବୈଠକ୍ ଉତ୍‌ରୁ ଶ୍ରୀ ମାଝୀ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍, ଆଏବା ଦିନେ ରାଏଜେ କୃତିମ ବୁଦ୍ଧିମତା ବିଦ୍ୟାଲୟ ଖୁଲାଯିବା । ଇଥିର୍‌ଲାଗି ଖୋବ୍ ଜଲ୍‌ଦି ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜ୍ଞାନ୍‌ର ସୃଜନ୍‌ଶୀଲତାକେ ନେଇକରି ଉଦ୍ଭାବନ୍ ସମ୍ଭବ୍ ହେଇପାର୍‌ସି ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ ଆଉ ସୂଚନା ଆଉ ପ୍ରାଦ୍ୟୋଗିକୀ ପ୍ରତିଷ୍ଠାନ୍- ସୁଟ୍ ନ ରାଜ୍ୟର୍ ପହେଲା କୃତ୍ରିମ ବୁଦ୍ଧିମତା ଆଧାରିତ୍ ସୂଚନା ଆଉ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରର୍ ଉଦ୍‌ଘାଟନ୍ କରିଛନ୍ । ଆଏବା ଦିନେ ଜିଲ୍ଲା ନ ଶହେ ଟା ବେଡ଼୍‌ମିଂଟନ୍ କୋର୍ଟ ଥାପ୍‌ନା ଲକ୍ଷ୍ୟ ରଖାଯାଇଛେ । ବିଶ୍ୱବିଦ୍ୟାଲୟ ନ ୨ ହଜାର୍ ୫ ଶହ ଛାତ୍ର ରହେବାର୍ ବ୍ୟବସ୍ଥା କରାଯିବାର୍ ସହେତେ ୩୦ କୋଟି ଟଙ୍କା ଖର୍ଚ୍ଚାଥି କ୍ରୀଡ଼ା ଭିତିଭୂମିର୍ ବିକାଶ୍ କରାଯିବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କରାଯାଇଛେ ।

ମତଦାତା ଦିବସ୍- ଜିଲ୍ଲା ବୌଦ୍ଧ/ ବର୍‌ଗଡ଼୍/ ଦେବ୍‌ଗଡ଼୍/ ନୂଆପଡ଼ା/ ସୁବର୍ଣ୍ଣପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଜାତୀୟ ମତଦାତା ଦିବସ୍ ପାଲନ୍ କରାଯାଇଛେ । ବର୍‌ଗଡ଼୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଗୁଟେ ଶୋଭାଯାତ୍ରା ହେଇଥିଲା । ଜିଲ୍ଲାପାଳ୍ ଆଦିତ୍ୟ ଗୋୟଲ୍ ଇ ଅବ୍‌ସରେ ଯୁଆନ୍ ପିଢ଼ିଙ୍କୁ ସଚେତନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ବୌଦ୍ଧ ଜିଲ୍ଲା ନ ମତଦାତାମାନ୍‌କର୍ ସକ୍ରିୟ ଭାଗିଦାରୀ ଲାଗି ସଚେତନତା ମୂଲକ୍ କାର୍ଯ୍ୟକ୍ରମ୍ କରାଯାଇଥିଲା । ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ନୂଆପଡ଼ା ଉପ ନିର୍ବାଚନ୍‌ର ସୁପରିଚାଳନା ଲାଗି ଇ ଅବ୍‌ସରେ ସମ୍ମାନିତ୍ ହେଇଛନ୍ । ଦେବ୍‌ଗଡ଼୍ ଜିଲ୍ଲା ନ ହେଇଥିବା ସଚେତନତା ରଥ ଆଉ ଶୋଭାଯାତ୍ରା କାର୍ଯ୍ୟକ୍ରମ୍‌ଥି ବହୁତ୍ ଛାତ୍ରଛାତ୍ରୀ ଯୋଗ୍ ଦେଇଥିଲେ । ସୁବର୍ଣ୍ଣପୁର୍ ଜିଲ୍ଲା ନ ଇ ଅବ୍‌ସରେ ନୂଆଁ ଯୁବ ଭୋଟର୍‌ଙ୍କୁ ଭୋଟର୍ ପରିଚୟ ପତ୍ର ଦିଆଯାଇଥିଲା ।

ଅଭିଜିତ୍- ପରଲୋକ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ ନାଁକରା କଣ୍ଠଶିଳ୍ପୀ ଆଉ ସଂଗୀତ୍ ନିର୍ଦ୍ଦେଶକ୍ ଅଭିଜିତ୍ ମଜୁମଦାର୍‌ଙ୍କର୍ ଆଏଜ୍ ୫୪ ବଛର୍ ବୟେସେ ପରଲୋକ୍

ହେଇଯାଇଛେ । ଦିହି ଖରାପ୍ ଥିବାର୍‌ନୁ ବହୁତ୍ ଦିନ୍ ଧରିକରି ସେ ଭୁବ୍‌ନେଶ୍ୱର୍ ଏମ୍ସ ନ ସେ ଚିକିତ୍ସିତ୍ ହେଉଥିଲେ ।

ଫୁଟ୍‌ବଲ୍- ବୌଦ୍ଧ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତିଲେଶ୍ୱର୍ ଠାନେ ଚାଲିଥିବା ଫୁଟ୍‌ବଲ୍ ମେଚ୍‌ଥି ଆଏଜ୍ ସୁନ୍ଦର୍‌ଗଡ଼୍ ଦଲ୍ ୩-ଶୂନ୍ ଗୋଲ୍‌ଥି ସୋନ୍‌ପୁର୍‌କେ ହରେଇକରି ପହେଲା ସେମିଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ଆଫ୍ରିକା-୧୧ ଆଉ ସୁନ୍ଦର୍‌ଗଡ଼୍ ଦଲ୍ ଭିତ୍‌ରେ ପହେଲା ସେମିଫାଇନାଲ୍ ମେଚ୍ ଖେଲାଯିବା ।

ଲାଲ୍‌ମନୀ କ୍ରିକେଟ୍          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ସହରର୍ ଗାନ୍ଧୀ ପଡ଼ିଆ ଠାନେ ଚାଲିଥିବା ୩୭ ନମ୍ବର୍ ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ କପ୍ ୨୦୨୬ ର ୨ ନମ୍ବର୍ ସେମିଫାଇନାଲ୍ ମେଚ୍‌ଥି ଆଏଜ୍ ଏମ୍‌ଏମ୍‌ସିସି ସମ୍ବଲ୍‌ପୁର୍ ଦଲ୍ ନବଜୀବନ୍ କ୍ରିକେଟ୍ କ୍ଲବ୍ ସୁନ୍ଦର୍‌ଗଡ଼୍‌କେ ୬୪ ରନ୍‌ଥି ହରେଇକରି ଫାଇନାଲ୍‌କେ ଯାଇଛେ । ଆଏବା କାଏଲ୍ ଫାଇନାଲ୍ ମେଚ୍ ବାପୁଜୀ କ୍ରିକେଟ୍ କ୍ଲବ୍

ଭୁବ୍‌ନେଶ୍ୱର୍ ଆଉ ଏମ୍‌ଏମ୍‌ସିସି ସମ୍ବଲ୍‌ପୁର୍ ଭିତ୍‌ରେ ଖେଲାଯିବା ।